Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 19, Issue : 318
Monday, 26 January 2026
Balasore, Page : 8, ₹ 2/
ବାଲେଶ୍ୱର, ମଙ୍ଗଳବାର, ୨୬ ଜାନୁୟାରୀ, ୨୦୨୬
ପୃଷ୍ଠା:୮, ମୂଲ୍ୟ:୨ଟଙ୍କା
Seitho Arambha
Seithoarambha
www.seithoarambha.com

# ସେଇଠୁ ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ ? ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ

## ଓଡ଼ିଶାରୁ ୪ ଜଣଙ୍କୁ ପଦ୍ମ ପୁରସ୍କାର



ନୂଆଦିଲ୍ଲୀ ୨୫/୧(ପିଆଇବି): ଭାରତ ସରକାର ପଦ୍ମ ପୁରସ୍କାର-୨୦୨୬ ଘୋଷଣା କରିଛନ୍ତି । ୧୩୧ ଜଣଙ୍କୁ ପଦ୍ମ ବିଭୂଷଣ, ପଦ୍ମ ଭୂଷଣ ଏବଂ ପଦ୍ମଶ୍ରୀରେ ସମ୍ମାନିତ କରାଯାଇଛି । ଗଣତନ୍ତ୍ର ଦିବସର ଗୋଟିଏ ଦିନ ପୂର୍ବରୁ ଆଜି ଏହି ଘୋଷଣା କରାଯାଇଛି । ରାଷ୍ଟ୍ରପତି ନିଜେ ଏହି ସମସ୍ତ ବ୍ୟକ୍ତିବିଶେଷଙ୍କୁ ରାଷ୍ଟ୍ରପତି ଭବନରେ ପୁରସ୍କାର ପ୍ରଦାନ କରିବେ । ଏହି ସମ୍ମାନ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବ୍ୟକ୍ତିମାନଙ୍କୁ ଦିଆଯିବ । ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଓଡ଼ିଶାରୁ ୪ ଜଣଙ୍କୁ ମିଳିବ ପଦ୍ମଶ୍ରୀ ପୁରସ୍କାର । ସେମାନେ ହେଲେ ଚରଣ ହେମ୍ବ୍ରମ, ସାମାଞ୍ଜଳ ପାତ୍ର, ଶରତ କୁମାର ପାତ୍ର ଏବଂ ମହେନ୍ଦ୍ର କୁମାର ମିଶ୍ର । ସାହିତ୍ୟ ଓ ଶିକ୍ଷା କ୍ଷେତ୍ରରେ ଚରଣ ହେମ୍ବ୍ରମଙ୍କୁ ମିଳିବ ପଦ୍ମଶ୍ରୀ । ଭାରତ ସରକାର ଏଥର ୫ଜଣଙ୍କୁ ପଦ୍ମବିଭୂଷଣ, ୧୩ଜଣଙ୍କୁ ପଦ୍ମଭୂଷଣ ଓ ୧୧୩ ଜଣଙ୍କୁ ପଦ୍ମଶ୍ରୀ ପୁରସ୍କାର ପାଇଁ ନାମ ଘୋଷଣା କରିଛନ୍ତି ।

**୭୭ତମ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ଦୈନିକ ଖବରକାଗଜ 'ସେଇଠୁ ଆରମ୍ଭ'ର କାର୍ଯ୍ୟାଳୟ ଓ ପ୍ରେସ ୨୬ ତାରିଖ ବନ୍ଦ ରହିବ । ପରବର୍ତ୍ତୀ ସଂସ୍କରଣ ୨୮.୦୧.୨୬ରିଖ ସକାଳେ ପ୍ରକାଶ ପାଇବ: ପ୍ରକାଶକ**

## ଗଣତନ୍ତ୍ରକୁ ଆହୁରି ଗୌରବଶାଳୀ କରିବା ପାଇଁ ପ୍ରୟାସ କରିବା : ମହାମହିମ ରାଷ୍ଟ୍ରପତି



ନୂଆଦିଲ୍ଲୀ, ୨୫/୧(ପିଆଇବି):ପବିତ୍ର ଗଣତନ୍ତ୍ର ଦିବସ ଆମ ଦେଶର ଅତୀତ, ବର୍ତ୍ତମାନ ଏବଂ ଭବିଷ୍ୟତରେ ଦେଶର ଭାଗ୍ୟ ଏବଂ ପରିସ୍ଥିତି ଉପରେ ଅବଲୋକନ କରିବାର ଏକ ଅବସର ଆଣିଦେଇଥାଏ । ଆମର ସମ୍ବିଧାନ ହେଉଛି ବିଶ୍ୱ ଇତିହାସରେ ଆଜି ପର୍ଯ୍ୟନ୍ତ ସର୍ବବୃହତ ଗଣତନ୍ତ୍ରର ଆଧାର ଗ୍ରନ୍ଥ । ନ୍ୟାୟ, ସ୍ୱାଧୀନତା, ସମାନତା ଏବଂ ଭ୍ରାତୃତ୍ୱର ଆଦର୍ଶ ଆମ ସମ୍ବିଧାନର ପରିଭାଷା । ଆମର କର୍ତ୍ତବ୍ୟନିଷ୍ଠ ପୋଲିସ କର୍ମୀ ତଥା କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ବଳର ଯବାନ ଦେଶବାସୀଙ୍କ ଆଭ୍ୟନ୍ତରୀଣ ସୁରକ୍ଷା ପାଇଁ ତତ୍ପର ପାଇଁ ସଜାଗ ଅଛନ୍ତି । ଆମର ଅନ୍ନଦାତା ଚାଷୀମାନେ ଦେଶବାସୀଙ୍କ ପାଇଁ ପୋଷଣ ସାମଗ୍ରୀ ଉତ୍ପାଦନ କରୁଛନ୍ତି । ଆମ ଦେଶର ପରିଶ୍ରମୀ ଏବଂ ପ୍ରତିଭାବାନ ମହିଳାମାନେ ଅନେକ କ୍ଷେତ୍ରରେ ନୂତନ ମାନଦଣ୍ଡ ସ୍ଥାପନ କରୁଛନ୍ତି । ଆମର ଉତ୍ସର୍ଗୀକୃତ ଡାକ୍ତର, ନର୍ସ ଏବଂ ସମସ୍ତ ସ୍ୱାସ୍ଥ୍ୟ କର୍ମୀ ଆମ ଦେଶବାସୀଙ୍କ ସ୍ୱାସ୍ଥ୍ୟର ଯତ୍ନ ନେଉଛନ୍ତି । ଆମର ନିଷ୍ଠାପର ସଫେଇ ମିତ୍ର ଦେଶକୁ ସ୍ୱଚ୍ଛ ରଖିବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି । ଆମର ବୁଦ୍ଧିମାନ ଶିକ୍ଷକମାନେ ଭବିଷ୍ୟତ ପିଢ଼ିର ନିର୍ମାଣ କରୁଛନ୍ତି । ଆମର ଆନ୍ତର୍ଜାତୀୟ ବୈଜ୍ଞାନିକ ଏବଂ ଇଞ୍ଜିନିୟରମାନେ ଦେଶର ବିକାଶକୁ ନୂତନ ଦିଗଦର୍ଶନ ଦେଉଛନ୍ତି । ଆମର ପରିଶ୍ରମୀ ଶ୍ରମିକ ଭାଇ ଏବଂ ଭଉଣୀମାନେ ଦେଶର ପୁନଃନିର୍ମାଣ କରୁଛନ୍ତି । ଆମର ଉଜ୍ଜ୍ୱଳ ଯୁବପିଢ଼ି ଏବଂ ପିଲାମାନେ, ସେମାନଙ୍କର ପ୍ରତିଭା ଏବଂ ଯୋଗଦାନ ସହ ଦେଶର ସୁବର୍ଣ୍ଣ ଭବିଷ୍ୟତ ପ୍ରତି ଆମର ବିଶ୍ୱାସକୁ ମଜବୁତ କରୁଛନ୍ତି । ଆମର ପ୍ରତିଭାବାନ କଳାକାର, କାରିଗର ଏବଂ ସହଯୋଗୀମାନେ ଆମର ସମୃଦ୍ଧ ପରମ୍ପରାକୁ ଏକ ଆଧୁନିକ ଅଭିବ୍ୟକ୍ତି ଦେଉଛନ୍ତି । ବିଭିନ୍ନ କ୍ଷେତ୍ରରେ ବିଶେଷଜ୍ଞମାନେ ଦେଶର ବହୁମୁଖୀ ବିକାଶକୁ ନୂତନ ଦିଗ ଦେଉଛନ୍ତି । ଆମର ଉର୍ଜ୍ଜ୍ୱଳ ଉଦ୍ୟୋଗୀମାନେ ଦେଶକୁ ବିକଶିତ ଏବଂ ଆତ୍ମନିର୍ଭର କରିବାରେ ଯୋଗଦାନ ଦେଉଛନ୍ତି । ଜନସେବାରେ ଉତ୍ସର୍ଗୀକୃତ, ଜନ ପ୍ରତିନିଧିମାନେ ଦେଶବାସୀଙ୍କ ଆକାଂକ୍ଷା ଅନୁଯାୟୀ କଲ୍ୟାଣ ଏବଂ ବିକାଶର ଲକ୍ଷ୍ୟକୁ ସାକାର କରୁଛନ୍ତି । ଏହିପରି ଭାବରେ, ସମସ୍ତ ସଚେତନ ଏବଂ ସମ୍ବେଦନଶୀଳ ନାଗରିକ ଆମର ଗଣତନ୍ତ୍ରର ପ୍ରଗତିଶୀଳ ଯାତ୍ରାକୁ ଆଗକୁ ବଢ଼ାଉଛନ୍ତି । ଆମର ଗଣତନ୍ତ୍ରକୁ ସୁଦୃଢ଼ କରିବା ପାଇଁ କାର୍ଯ୍ୟ କରୁଥିବା ସମସ୍ତ ଦେଶବାସୀଙ୍କୁ ମୁଁ ମୋର ହୃଦୟରୁ କୃତଜ୍ଞତା ଜଣାଉଛି । ମହିଳାମାନଙ୍କର ସକ୍ରିୟ ଏବଂ ସଶକ୍ତିକରଣ ହେବା ଦେଶର ବିକାଶ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଦେଶର ପଂଚାୟତିରାଜ ସଂସ୍ଥାଗୁଡ଼ିକରେ ମହିଳା ଜନପ୍ରତିନିଧିଙ୍କ ସଂଖ୍ୟା ପ୍ରାୟ ୪୬ ପ୍ରତିଶତ ରହିଛି । ଆମ ଅନ୍ନଦାତା କୃଷକ, ଆମ ସମାଜ ତଥା ଅର୍ଥବ୍ୟବସ୍ଥାର ମେରୁଦଣ୍ଡ । ବିଶ୍ୱର ସବୁଠାରୁ ବଡ଼ ଯୁବ ଜନସଂଖ୍ୟା ଆଧାରିତ ଆମ ଦେଶ । ଭାରତ ବିଶ୍ୱର ସବୁଠାରୁ ଦ୍ରୁତଗତିରେ ଆଗେଇ ଚାଲିଥିବା ଅର୍ଥବ୍ୟବସ୍ଥା । ପରିବେଶ ସଂରକ୍ଷଣ ଆଜି ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ପ୍ରାଥମିକତା ସାଜିଛି । ଏହା ଆମର ସୌଭାଗ୍ୟ ଯେ, ଆମେ ଭାରତ ଭୂମିର ନିବାସୀ । ଆମ ଜନନୀ ଜନ୍ମଭୂମି ପାଇଁ କବି ଗୁରୁ ରବୀନ୍ଦ୍ର ନାଥ ଠାକୁର କହିଥିଲେ, ଓ ଆମାର ଦେଶେର ମାଟି, ତୋମାର ପୋରେ ଠେକାଇ ମାଥା । ଅର୍ଥାତ୍ ଏ ମୋ ଦେଶର ମାଟି, ମୁଁ ତୁମ ଚରଣରେ ନିଜ ମସ୍ତକ ନୁଆଁଉଛି । ଆସନ୍ତୁ ଆମେ ସମସ୍ତେ ମିଳିମିଶି ରାଷ୍ଟ୍ର ପ୍ରଥମର ଭାବନା ସହ କାର୍ଯ୍ୟ କରିବା ତଥା ନିଜ ଗଣତନ୍ତ୍ରକୁ ଆହୁରି ଗୌରବଶାଳୀ କରିବା ପାଇଁ ପ୍ରୟାସ କରିବା ।












### ପବିତ୍ର ସାଧାରଣତନ୍ତ୍ର ଦିବସ-୨୦୨୬ ଅବସରରେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ସାଧାରଣତନ୍ତ୍ର ଦିବସ-୨୦୨୬ ପାଳନ ଅବସରରେ ମୁଁ ଓଡ଼ିଶାବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି ।

ଓଡ଼ିଶାକୁ ଦେଶର ଏକ ସମୃଦ୍ଧ, ଅଗ୍ରଣୀ ଏବଂ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ଏହି ପବିତ୍ର ଦିବସରେ ସମସ୍ତେ ଶପଥ ନେବାକୁ ମୁଁ ଆହ୍ୱାନ ଜଣାଉଛି ।

(ଡ. ହରି ବାବୁ କମ୍ଭମପାଟି)

DADLS - 83



### ପବିତ୍ର ସାଧାରଣତନ୍ତ୍ର ଦିବସ-୨୦୨୬ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

ପବିତ୍ର ସାଧାରଣତନ୍ତ୍ର ଦିବସ ଅବସରରେ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ଆଜିର ଦିବସ ହେଉଛି ଗର୍ବ, ଗୌରବ ଓ ସଂକଳ୍ପର ଦିବସ ।

ଆସନ୍ତୁ, ସମ୍ବିଧାନର ମୂଲ୍ୟବୋଧକୁ ଆଧାର କରି ଦେଶର ଶକ୍ତି, ସାମର୍ଥ୍ୟ ଓ ସମ୍ମାନ ବଢ଼ାଇବା ସହିତ ୨୦୩୬ ସୁଦ୍ଧା ଏକ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ସମସ୍ତେ ସଂକଳ୍ପବଦ୍ଧ ହୋଇ କାମ କରିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

